ପ୍ରତିବାଦ କରିବାରୁ ମରୁଣା ଉତ୍ତେଜିତ ହୋଇ ଏକ ପନିକିରେ ତାଙ୍କ ଛାତିକୁ ଆକ୍ରମଣ କରିଥିଲେ। ଦାମଙ୍କୁ ... ଅବସ୍ଥାରେ ଆଠମଲ୍ଲିକ ... ଯାଇଛି।

ଅନୁସୂଚୀ LIII–ଫାରମ ସଂ 261

Sambad dt. 3.8.15

# ଲୁହାଛଡ଼ ବୋଝେଇ ଟ୍ରକ୍ ହାଇଜାକ୍

# ୫ ଅପହର୍ତ୍ତା କୋର୍ଟ ଚାଲାଣ ; ସ୍କର୍ପିଓ, ଇଣ୍ଡିକା ଜବ

କିଶୋରନଗର,୨।୮(ଇମିସ): ଗତ ୨୮ ତାରିଖ ରାତିରେ ବଇଣ୍ଡା ଲେଭଲ୍ କ୍ରସିଂ ନିକଟରୁ ଲୁହାଛଡ଼ ବୋଝେଇ ଟ୍ରକ୍ ହାଇଜାକ୍ ଘଟଣାରେ ସଂପୃକ୍ତ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ହଣ୍ଡପା ପୁଲିସ କାବୁ କରି ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ଭୁଜାଲି, ୨ଟି ସ୍ପ୍ରିଙ୍ଗ୍ ଛୁରି, ୩ଟି ଏଟିଏମ୍ କାର୍ଡ଼ ଓ ୨ଟି ମନିପର୍ସ୍ ସମେତ ସେମାନଙ୍କ ଦ୍ୱାରା ବ୍ୟବହୃତ ସ୍କର୍ପିଓ (ଓଆର୍୧୫ପି-୦୪୯୧) ଓ ଇଣ୍ଡିଗୋ କାର୍ (ଓଆର୦୨ବିଏମ୍-୬୩୬୩) ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଉପରକଟା ଗ୍ରାମର ବୁଲୁ ଓରଫ ମହେଶ ସାହୁ (୨୫), ଉଦୟପୁର ଗ୍ରାମର ଅଶ୍ୱିନୀ ବଗର୍ତ୍ତି (୨୪), ଆଠମଲ୍ଲିକ ଥାନା କଣ୍ଠଲାର ଶୁଭେନ୍ଦୁ ସେଠୀ (୨୫), ପ୍ରକାଶ ଗାଈଗାରିଆ ଓ କିଶୋରନଗର ଥାନା କିଶୋରଚନ୍ଦ୍ରପୁର ଗ୍ରାମର ସ୍କର୍ପିଓ ଚାଳକ କାହ୍ନୁ ଓରଫ୍ ଅରୁଣ କୁମାର ଦେହୁରୀ (୩୦) ବୋଲି ହଣ୍ଡପା ଥାନାରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଠମଲ୍ଲିକ ଏସ୍‌ଡିପିଓ ଗୋପାଳକୃଷ୍ଣ ପଟ୍ଟନାୟକ ଓ ହଣ୍ଡପା ଥାନାଧିକାରିଣୀ ଜୟରଶ୍ମୀ ସେଠୀ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ଟ୍ରକ୍ ହାଇଜାକ୍ ଘଟଣାର ମାଷ୍ଟରମାଇଣ୍ଡ ହେଉଛି ମହେଶ ସାହୁ। ଆଠମଲ୍ଲିକ ଥାନା ତେବରାପାଲି ଗ୍ରାମରେ ଶ୍ୱଶୁର ଘରେ ରହୁଥିଲା ମହେଶ। ସହଯୋଗୀଙ୍କ ସହ ଯୋଜନାବଦ୍ଧ ଭାବେ ଟ୍ରକ୍ ହାଇଜାକ୍ ଉଦ୍ୟମ କରିଥିଲା। ଗତ ୨୮ ତାରିଖରେ ଲୁହାଛଡ଼ ବୋଝେଇ ଟ୍ରକ୍ (ଓଆର୦୫ଏନ୍-୨୧୫୫) ... ଭୁବନେଶ୍ୱର ଅଭିମୁଖେ ଯାଉଥିଲା ବେଳେ ...



ନିଛାଟିଆ ରାସ୍ତା ଓ ସ୍ପିଡ୍ ବ୍ରେକର୍ ଯୋଗୁଁ ଗାଡ଼ିର ବେଗ କମିଥିବା ବେଳେ ଟ୍ରକ୍‌କୁ ହାଇଜାକ୍ କରିନେଇଥିଲେ। ଡ୍ରାଇଭର୍, ହେଲପର୍‌ଙ୍କୁ ମାଡ଼ ମାରି ହାତ ଗୋଡ଼ ବାନ୍ଧିଦେବା ସହିତ ...

ଗ୍ରାହକ ନ ମିଳିବାରୁ ଅନୁଗୁଳ ଆଡ଼କୁ ଯାଉଥିବା ବଡ଼କେରା ନିକଟସ୍ଥ ଏକ ଢାବା ପାଖରେ ଯାଇଥିଲେ। ଜଣେ ଦୁର୍ବୃତ୍ତ ...